# Akashvani, Sambalpur

## SAMBALPURI NEWS BULLETIN

### 6 December 2025 – 6.47- 6.52 am.

********************************************

ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ      ପୁରୀ ସମ୍ବାଦଦାତା

ପୁରୀ ନ ଆଏଜ୍‌ଠାନୁ ବୈଶ୍ୱିକ୍ ଶକ୍ତି ନେତୃତ୍ୱ ସମ୍ମିଳନୀ -୨୦୨୫ ମୁଲ୍ ହେଉଛେ । ୭ ତାରିଖ୍‌ତକ୍ ହେବାର୍‌କେ ଥିବା ସମ୍ମିଳନୀଥି ସ୍ୱଚ୍ଛ ଇନ୍ଧନ୍ କ୍ଷେତ୍ରଥି ଭାରତ୍‌ର କାର୍ଯ୍ୟପନ୍ଥା ଆଉ ଭୂମିକା ବାବ୍‌ଦେ ଆଲୋଚନା କରାଯିବା । ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ କେନ୍ଦ୍ର ନୂତନ ଆଉ ଅକ୍ଷୟଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ, ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ୍, ହିମାଚଲ୍ ପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର୍ ସୁଖୁ, ଛତିଶ୍‌ଗଡ୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଆଉ ଅଲ୍‌ଗା ରାଜ୍ୟର୍ ମନ୍ତ୍ରୀମାନେ ସାମିଲ୍ ହେବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି ନୀତି ନିର୍ଦ୍ଧାରକ ଶିଳ୍ପପତି, ବିଶେଷଜ୍ଞ ଆଉ ଉଦ୍ଭାବକ ମାନ୍‌କୁ ଏକ୍‌ଠାନିଆ କରିକରି ଜ୍ଞାନ୍ ଆଦାନ୍ ପ୍ରଦାନ୍ ଆଉ ରାଜ୍ୟସ୍ତରୀୟ ନେତୃତ୍ୱ ଲାଗି ଗୁଟେ ନୂଆଁ ସୁଯୋଗ୍ ବନାବାର୍ ଇ ସମ୍ମିଳନୀର୍ ଲକ୍ଷ୍ୟ ରହିଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ      I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍‌ଠାନୁ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମୁଲ୍ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହୋତ୍ସବ୍‌କେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ମହୋତ୍ସବ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ଅଲ୍‌ଗାମାନେ ଉପସ୍ଥିତ୍ ରହେବେ । ଡିସେମ୍ବର୍ ୧୭ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମହୋତ୍ସବ୍‌ଥି ୫ ଶହ ୫୦ ଟା ଷ୍ଟଲ୍ ତିଆର୍ କରାଯାଇଛେ । ଇଥି ୨ ଶହ ୫୦ ପ୍ରକାଶକ ଆଉ ବହି ବିକ୍ରେତା ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ- ଜନଶୁଣାଣି ଶିବିର ବନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ଅଧିବେଶନ୍ ଚାଲିଥିବାର୍‌ନୁ ଆଏବା ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବିଧାନ୍‌ସଭା- ପଂଚାୟତିରାଜ୍ ବିଭାଗ୍ I&PR

ରାଏଜେ ୨୦୨୭ ମସିହା ବେଲ୍‌କେ ୩ ଥାକିଆ ପଂଚାୟତ୍ ନିର୍ବାଚନ୍ ହେବା ଆଉ ତାର୍ ଆଘୋନୁ ପଂଚାୟତ୍ ଆଉ ବ୍ଲକ୍ ମାନ୍‌କର୍ ପୁର୍ନଗଠନ୍ ହେବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା କରିକରି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍, ୨୦୨୭ ମସିହାତକ୍ ରାଜ୍ୟର୍ ସବୁ ଗାଁ ଇଲାକାକେ ପାଇପ୍ ଜରିଏ ସଫା ପିଇବାର୍ ପାଏନ୍ ଯୁଗେଇ ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ କହିଛନ୍ ।

ଜମିଜମା ତଥ୍ୟ ବୈଠକ୍ I&PR

ସର୍‌କାରୀ ଜମିଜମା ବ୍ୟବସ୍ଥାକେ ଅଏତ୍‌କା ସହଜ୍ ଆଉ ସୁବିଧାଥି ଅନ୍‌ଲାଇନ୍ ଜରିଏ ଯୁଗେଇଦେବାର୍, ଭୂମି ରେକର୍ଡ୍ ଆଉ ରାଜସ୍ୱ ନଥିପତ୍ର ମାନ୍‌କର୍ ଡିଜିଟାଲ୍ କରଣ୍, ଗାଁ ମାନଚିତ୍ରମାନ୍‌କର୍ ଜିଓ ରେଫରେନ୍ସି, ଜମି ପଞ୍ଜିକରଣ୍ ଆଉ ଭିନ୍ ଭିନ୍ ସେବାର୍ ଅନ୍‌ଲାଇନ୍ ବିତରଣ୍ ବାବ୍‌ଦେ ରାଜ୍ୟ ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ଆଉ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଭିତ୍‌ରେ ଆଲୋଚନା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, କେନ୍ଦ୍ର କୃଷି ମନ୍ତ୍ରଣାଳୟ

ପରାମର୍ଶଦାତା ରାଜୀବ୍ ଚାଓ୍ୱଲା ଇ ବାବଦ୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ ।

ପଂଚାୟତିରାଜ୍-ନକ୍ଲି ବିଜ୍ଞପ୍ତି       I&PR

ପଂଚାୟତ୍ମାନ୍କେ ପିଅନ୍ ନିଯୁକ୍ତି ଦେବାର୍କେ ପଂଚାୟତିରାଜ୍ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ବଲି କିଛି ଦିନ୍ ଆଘୋନୁ ଗଣମାଧ୍ୟମ୍ ନୁ ଖବର୍ ପ୍ରକାଶ୍ ପାଇଥିଲା । ଇ ଖବର୍କେ ବିଭାଗ୍ ତର୍ଫୁ ଖଣ୍ଡନ୍ କରାଯିବାର୍ ସହେତେ ଭୁଲ୍ ଖବର୍ ପ୍ରଚାର୍ ଅଭିଯୋଗ୍ଥି ସାଇବର୍ କ୍ରାଇମ୍ ଶାଖା ନ ମାମ୍ଲା ରୁଜୁ କର୍ବାର୍ ଲାଗି ଗୃହବିଭାଗ୍କେ ଚିଠି କରାଯାଇଛେ । ଭୁଲ୍ ଖବର୍ ପ୍ରଚାର୍ କର୍ବାର୍ ସହେତେ ନକ୍ଲି ବିଜ୍ଞପ୍ତି ବନେଇଥିବା ଲୁକ୍କୁ ଠାବ୍ କରିକରି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍କେ ବିଭାଗ୍ ତର୍ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା       ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା ଲାଗି ନୂଆଁ ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍ସାରେ ଟୁକେଲ୍ର ବୟସ୍ ୧୮ ନୁ ୩୫ ବଛର୍ ଆର୍ ପିଲାର୍ ବୟସ୍ ୨୧ ନୁ ୩୫ ବଛର୍ ହେଉଥିବା କ୍ଷେତ୍ରଥି

ଟୁକେଲ୍ ବିହାର୍ ଲାଗି ଯୋଜ୍ନାଥି ୫୧ ହଜାର୍ ଟଙ୍କା ସାହାଜ୍ ଦିଆଯିବା । ପହେଲା ବିହାର୍ ଲାଗି ଖାଲି ଇ ସାହାଜ୍ ମିଲ୍ବା, ହେଲେ ବିଧବା ବିହା ର ଲାଗି ଭିଲ୍ ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯିବା । ଇ ବାବ୍‌ଦେ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି କରାଯାଇଛେ ।

ପ୍ରବାସୀ ଶ୍ରମିକ୍-ଖାଦ୍ୟ ସୁରକ୍ଷା I&PR

ପ୍ରବାସୀ ଶ୍ରମିକ୍‌ମାନ୍‌କୁ ସାମାଜିକ୍ ସୁରକ୍ଷା ଯୋଜ୍ନା ପୁହୁଁଚାବାର୍ ଲାଗି ରାଜ୍ୟ ସର୍‌କାର୍ ଆଉ ମିଳିତ ଜାତିସଂଘର୍ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଭିତ୍‌ରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଗୁଟେ ବୈଷୟିକ ସାହାଜ୍ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଇ ଚୁକ୍ତି ଅନ୍‌ସାରେ ପ୍ରବାସୀ ଶ୍ରମିକମାନେ ରାଜ୍ୟର୍ ଯେନ୍ ଜାଗା ନ ଥିଲେ ଭିଲ୍ ଖାଦ୍ୟ ସୁରକ୍ଷା ଯୋଜ୍ନାଥି ଯୋଜ୍ନାର୍ ସୁବିଧା ସୁଯୋଗ୍ ପାଇପାର୍‌ବେ ।

ଶହୀଦ୍ ଜୟୀରାଜ୍‌ଗୁରୁ- ଶ୍ରାଦ୍ଧଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନ୍ ବିପ୍ଳବୀ ଶହୀଦ୍ ଜୟୀରାଜ୍‌ଗୁରୁଙ୍କର୍ ଆଏଜ୍ ହେଉଛେ ଶହୀଦ୍ ଦିବସ୍ । ବ୍ରିଟିଶ୍ ଇଷ୍ଟିଇଣ୍ଡିଆ କମ୍ପାନୀ ବିରୋଧିଥି ବିଦ୍ରୋହ ଅଭିଯୋଗ୍‌ଥି

୧୮୦୬ ମସିହା ଆଝିରର୍ ଦିନେ ତାଙ୍କୁ ହତ୍ୟା କରାଯାଇଥିଲା । ଦେଶ୍ ସ୍ୱାଧୀନ୍ କର୍‌ବାର୍ ଦିଗେ ତାଙ୍କର୍ ପରାକ୍ରମ୍ ଆଉ ବଳିଦାନ୍‌କେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ । ଆଏଜ୍ ସଖାଲ୍‌ବେଲା ଓଡ଼ିଶା ବିଧାନ୍‌ସଭା ନ ଜୟୀ ରାଜ୍‌ଗୁରୁଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କର୍ ସହେତେ ଅଲ୍‌ଗା ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଜନାବେ ।

ଟ୍ରେନ୍- ଅତିରିକ୍ତ କୋଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ବହୁତ୍‌ଟେ ବିମାନ୍ ଉଡ଼ାଣକେ ବାତିଲ୍‌କେ ନଜର୍‌ଥି ରଖିକରି ଭାରତୀୟ ରେଲ୍‌ବାଇ ତର୍‌ଫୁ ୩୭ ଟା ଟ୍ରେନ୍‌ଥି ଶହେ ୧୬ ଟା ଅତିରିକ୍ତ କୋଚ୍ ଜୁଡ଼ାଯାଇଛେ । ଇତାର୍‌ସହେତେ ଯାତ୍ରୀମାନ୍‌କୁ ଅଏତ୍‌କା ସାହାଜ୍ କର୍‌ବାର୍ ଲାଗି ୪ ଟା ସ୍ୱତନ୍ତ୍ର ଟ୍ରେନ୍ ଭିଲ୍ ଚାଲୁଛେ ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ଟ୍ରେନ୍ ମାନ୍ ଚାଲୁଥିବାର୍‌ନୁ ଯାତ୍ରୀମାନେ ସହଜ୍‌ଥି ତାଙ୍କର୍ ଗନ୍ତବ୍ୟ ସ୍ଥଲ୍‌କେ ପୁହୁଁଚୁଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା କମିକରି ଶୀତ୍ ବଢ଼ିଛେ । ଆଏବା ୭ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ସୁନ୍ଦରଗଡ଼୍, କଲାହାଣ୍ଡି, ସୁବର୍ଣ୍ଣପୁର୍, କନ୍ଧମାଲ୍ ଆଉ କୋରାପୁଟ୍ ନ ଆଏଜ୍ ବହଲିଆ କୁହୁଡ଼ି ହେଇଥିଲା । ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ହେଇଥିଲା ।  ଆଏବାକାଏଲ୍ ଭିଲ୍ ଇ ଜିଲ୍ଲାମାନ୍‌କେ କୁହୁଡ଼ି ଦେଖାଦେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।